# NATIONAL NEWS BULLETIN (ODIA)

## 30 September 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଜଳନ୍ଧରଠାରେ ନିଶାମୁକ୍ତ ପଞ୍ଜାବ ଯାତ୍ରାର ଆଜି ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତର ଉଦ୍ୟୋଗୀ ସଂସ୍କୃତିକୁ ପରିବର୍ତ୍ତନ କରି ଏକ ନିଯୁକ୍ତି ଆଶାୟୀ ଦେଶରୁ ନିଯୁକ୍ତି ସୃଷ୍ଟିକାରୀ ରାଷ୍ଟ୍ର ରୂପେ ପରିଣତ କରିବା ଦିଗରେ ସଫଳ ଭୂମିକା ଗ୍ରହଣ କରିଛି ଷ୍ଟାର୍ଟଅପ୍ ଇଣ୍ଡିଆ ।
- ଏକ ଆଣବିକ ଅସ୍ତ୍ର ମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ହାସଲ ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛି ଭାରତ ।
- ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ ଗତକାଲିର ୮ଟି ପଦକ ସହିତ ମୋଟ୍ ୫୩ଟି ପଦକ ହାସଲ କରି ଦଶମ ସ୍ଥାନରେ ରହିଛି ଭାରତ ।

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ଗୌହାଟୀଠାରେ ।

## ପଞ୍ଜାବ-ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଞ୍ଜାବର ଜଲନ୍ଧରଠାରେ ନିଶାମୁକ୍ତ ପଞ୍ଜାବ ଯାତ୍ରାର ଶୁଭାରମ୍ଭ କରିବେ । ଏହି ଅବସରରେ ଆୟୋଜିତ ଜନସମାବେଶରେ ଶ୍ରୀ ଶାହା ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଦ୍ୱାରା ଚଳିତ ମାସ ୧୮ ତାରିଖରେ ପଠାନକୋର୍ଟ୍‌ଠାରେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ୧୩ ଦିନ ମଧ୍ୟରେ ଏହି ଯାତ୍ରା ୧୧୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାୟ ୪ ହଜାର କିଲୋମିଟର ଅତିକ୍ରମ କରିସାରିଛି । ପଞ୍ଜାବରେ ନିଶାଦ୍ରବ୍ୟ ବିପକ୍ଷ ଲଢ଼େଇକୁ ଏକ ଜନଭାଗିଦାରୀରେ ରୂପାନ୍ତରୀକରଣ କରିବା ହେଉଛି ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ । ପଞ୍ଜାବରେ ବଢ଼ି ଚାଲିଥିବା ନିଶାଦ୍ରବ୍ୟ କାରବାର, ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଅବୋନତୀ ଏବଂ ସରକାରଙ୍କର ବିଭିନ୍ନ ସ୍ତରରେ ଜାରି ରହିଥିବା ଦୁର୍ନୀତି ଆଦି ଆହ୍ୱାନ ବିପକ୍ଷରେ ଜନ ସଚେତନତା ସୃଷ୍ଟି କରିବା ଉପରେ ଏହି ଯାତ୍ରାରେ ଗୁରୁତ୍ୱାରୋପ କରାଯାଉଛି ।

## ସେବା ସଂକଳ୍ପ-ଷ୍ଟାର୍ଟଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ

ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ଷ୍ଟାର୍ଟଅପ୍ ଇଣ୍ଡିଆ' ଯୋଜନା ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୬ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ କରିଥିଲେ । ଭାରତର ଉଦ୍ୟୋଗୀ ସଂସ୍କୃତିକୁ ପରିବର୍ତ୍ତନ କରି ଏକ ନିଯୁକ୍ତି ଆଶାୟୀ ଦେଶରୁ ନିଯୁକ୍ତି ସୃଷ୍ଟିକାରୀ ଓ ନବସୃଜକ ଏବଂ ସମସ୍ୟା ସମାଧାନକାରୀ ରାଷ୍ଟ୍ର ରୂପେ ପରିଣତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୬ ମସିହାରେ ଦେଶରେ ପ୍ରାୟ ୪୦୦ଟି ସ୍ୱୀକୃତି ପ୍ରାପ୍ତ ଷ୍ଟାର୍ଟଅପ୍ ଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏହା ୨ ଲକ୍ଷ ଅତିକ୍ରମ କରିଛି । ଏହାଛଡ଼ା ଏହି ଯୋଜନା ମାଧ୍ୟମରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହିତ ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ରେ ପରିଣତ କରାଯାଇପାରିଛି ।

ଏହି ରୂପାନ୍ତରୀକରଣ କେବଳ ବେଙ୍ଗାଲୁରୁ, ମୁମ୍ବାଇ ବା ଦିଲ୍ଲୀ ମଧ୍ୟରେ ସୀମିତ ହୋଇ ରହିନାହିଁ । ପ୍ରାୟ ୫୦ ପ୍ରତିଶତ ସ୍ୱୀକୃତିପ୍ରାପ୍ତ

ଷ୍ଟାର୍ଟଅପ୍ ବର୍ତ୍ତମାନ ଦେଶର ଟାୟାର୍-ଟୁ ଏବଂ ଟାୟାର୍-ଥ୍ରୀ ସହରଗୁଡ଼ିକରେ କାର୍ଯ୍ୟ କରୁଛି । ଏହି ଯୋଜନା ଦ୍ୱାରା ଦେଶରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅଟଳ ଟିଙ୍କରିଂ ପ୍ରୟୋଗଶାଳା ସ୍ଥାପନ କରାଯାଇଛି । ଏଥିରେ ୧ କୋଟିରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ସକ୍ରିୟ ଅଂଶଗ୍ରହଣ କରି ଉଦ୍ୟୋଗୀ ହେବା ପୂର୍ବରୁ ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛନ୍ତି । ଏହି ରୂପାନ୍ତରୀକରଣ ମହିଳାମାନଙ୍କର ଅଂଶଗ୍ରହଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୧ ଲକ୍ଷ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ଗୁଡ଼ିକରେ ଅନ୍ତତଃ ଜଣେ ଲେଖାଏଁ ମହିଳା ନିର୍ଦ୍ଦେଶକ ବା ଭାଗିଦାରୀ କାର୍ଯ୍ୟ କରୁଛନ୍ତି । ଷ୍ଟାର୍ଟଅପ୍ ଇଣ୍ଡିଆ ଦେଶରେ ଉଦ୍ୟୋଗୀକରଣକୁ ଏକ ବ୍ୟତୀକ୍ରମରୁ ଆକାଂକ୍ଷାକୁ ଏବଂ ନବସୃଜନକୁ ଏକ ସୁଯୋଗରୁ ଜାତୀୟ ଅଭିଯାନରେ ପରିଣତ କରିବାରେ ସଫଳ ହୋଇପାରିଛି ।

ଚଳିତ ବର୍ଷ ଜୁଲାଇ ୧୮ ତାରିଖରେ ହାଇଦ୍ରାବାଦ୍ ଭିତ୍ତିକ ଷ୍ଟାର୍ଟଅପ୍ ସ୍କାଏରୁଟ୍ ଏରୋସ୍ପେସ୍ ଦେଶର ପ୍ରଥମ ଘରୋଇ କମ୍ପାନୀ ଭାବେ ବିକ୍ରମ-ୱାନ୍ ର ସଫଳ ଉତ୍କ୍ଷେପଣ କରିଥିଲା । ଏହାଦ୍ୱାରା ଘରୋଇ ଅର୍ବିଟାଲ୍ ଉତ୍କ୍ଷେପଣ କ୍ଷମତା ଥିବା ତୃତୀୟ ଦେଶ ଭାବେ ଭାରତ ନିଯୁକ୍ତ ପ୍ରତିପାଦିତ କରିପାରିଛି ।

ଏହି ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ – **V/O**

## ଇଣ୍ଡିଆ-ନ୍ୟୁକ୍ଲିୟର୍ ୱେପନ୍ସ

ଏକ ଆଣବିକ ଅସ୍ତ୍ର ମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟ ହାସଲ ଦିଗରେ ଭାରତ ନିଜର ପ୍ରତିବଦ୍ଧତା ଦୋହରାଇଛି । ଗତକାଲି ନ୍ୟୁୟର୍କ ସ୍ଥିତ ମିଳିତ ଜାତିସଂଘର ମୁଖ୍ୟାଳୟରେ ଆନ୍ତର୍ଜାତିକ ଆଣବିକ ଅସ୍ତ୍ରଶସ୍ତ୍ର ସମ୍ପୂର୍ଣ୍ଣ ପରିହାର ଦିବସ ପାଳନ ଅବସରରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମ ବ୍ୟାପାର ସଚିବ ସି.ବି. ଜର୍ଜ୍ ଏହି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବିଶ୍ୱରୁ ଆଣବିକ ଅସ୍ତ୍ରଶସ୍ତ୍ରର ସମ୍ପୂର୍ଣ୍ଣ ପରିହାର ଉପରେ ଭାରତ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ଜାତିଗତ ବିଦ୍ୱେଷ, ଜାତିଆଣ ଭାବ ଏବଂ ବିଦେଶୀ ବିରୋଧି ମନୋଭାବ ବିପକ୍ଷରେ ଭାରତ ନିଜର ଲଢ଼େଇ ଜାରି ରଖିଥିବା ସମ୍ପର୍କରେ ଶ୍ରୀ ଜର୍ଜ ଗୁରୁତ୍ୱାରୋପ କରିଛନ୍ତି ।

## ଏଫ୍‌ଏମ୍-ୟୁପିଆଇ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୋହାଠାରେ ଏ.ଆଇ.ଆଇ.ବି. ବାର୍ଷିକ ସମ୍ମିଳନୀ ଅବସରରେ ତାଙ୍କର କାତାର ପ୍ରତିପକ୍ଷ ଅଲି ବିନ୍ ଅହମ୍ମଦ୍ ଅଲ୍ କୁଆରିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ଭାରତର ୟୁ.ପି.ଆଇ. ନେଣଦେଣ ବ୍ୟବସ୍ଥାକୁ କାତାରରେ ସମ୍ପ୍ରସାରିତ କରିବା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି ।

ଏତଦ୍ ବ୍ୟତୀତ ଭାରତରେ ଜାତୀୟ ନିବେଶ ଏବଂ ଭିତ୍ତିଭୂମି ପାଣ୍ଠି ଅଧୀନରେ କାତାରର ୧୦ ବିଲିୟନ୍ ଡଲାର୍ ନିବେଶ କରିବାର ପ୍ରତିଶ୍ରୁତି କିଭଳି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି । ଭାରତ-କାତାର ସମ୍ପର୍କକୁ ଏକ ରଣନୈତିକ ଭାଗିଦାରୀ ସ୍ତରକୁ ନେବା ସହିତ ଦ୍ୱିପକ୍ଷୟ ନିବେଶ ଚୁକ୍ତିନାମାକୁ ଚୂଡ଼ାନ୍ତ କରାଯିବା ଉପରେ ମଧ୍ୟ ଦୁଇ ଦେଶର ଅର୍ଥମନ୍ତ୍ରୀ ଆଲୋଚନା କରିଛନ୍ତି । କାତାରର ବିକାଶ ଦିଗରେ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ଅବଦାନକୁ କାତାରର ଅର୍ଥମନ୍ତ୍ରୀ ପ୍ରଶଂସା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର, ଅର୍ଥ ଓ ପୁଞ୍ଜିନିବେଶକୁ କିଭଳି ଅଧିକ ସଶକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ଅଲ୍ କୁଆରି ଆଗ୍ରହ ପ୍ରକାଶ କରିଛନ୍ତି ।

## ଇଣ୍ଡିଆ-ଜାପାନ

ଭାରତ-ଜାପାନ ମଧ୍ୟରେ ଯୋଗାଯୋଗ, ଡିଜିଟାଲ୍ ଓ କୃତ୍ରିମ ବୁଦ୍ଧିମତା ଉପରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଏକ ଦ୍ୱିପକ୍ଷିୟ ଆଲୋଚନା ଗତକାଲି ଟୋକିଓଠାରେ ଅନୁଷ୍ଠିତ ହୋଇଯାଇଛି । ଜାପାନଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ନାଗମା ମଲିକ ଏବଂ ଜାପାନର ଆନ୍ତର୍ଜାତିକ ବ୍ୟାପାର ମହାନିର୍ଦ୍ଦେଶକ ହିଡ଼ିଓ ଫୁସିଦା ଏହି ବୈଠକରେ ନିଜ ନିଜ ଦେଶର ପ୍ରତିନିଧିତ୍ୱ କରିଛନ୍ତି । ୨୦୧୪

ମସିହାଠାରୁ ଦୁଇ ଦେଶ ମଧ୍ୟରେ ଏକ ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରୀ କାର୍ଯ୍ୟକାରୀ ହୋଇଆସୁଛି । ଏହି ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବା ଲାଗି ଉଭୟ ପକ୍ଷ ଏହି ବୈଠକରେ ସମ୍ମତି ପ୍ରଦାନ କରିଛନ୍ତି ।

## ଜେଆଣ୍ଡକେ-ଟେରୋରିଷ୍ଟ କିଲ୍ଡ

ଜାମ୍ମୁ କାଶ୍ମୀରର ବୁଡଗାମ୍ ଜିଲ୍ଲାର ୟୁସ୍ମାର୍ଗଠାରେ ଗତକାଲି ରାତିରେ ସୁରକ୍ଷା କର୍ମୀଙ୍କ ସହ ଏନ୍କାଉଣ୍ଟରରେ ଲସ୍କର-ଏ-ତୋଏବାର ଜଣେ ଆତଙ୍କବାଦୀ ନିହତ ହୋଇଛି । ପାକିସ୍ତାନୀ ଭିତ୍ତିକ ଏସ୍କର-ଏ-ତୋଏବାର ଏହି ଆତଙ୍କବାଦୀ ସୁଲାଇମାନ ଶାହା ଓରଫ୍ ମୁସା ବୋଲି ସରକାରୀ ଭାବେ ଚିହ୍ନଟ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ସେନା ବାହିନୀ, ପୁଲିସ୍ ଏବଂ ସି.ଆର୍.ପି.ଏଫ୍. ପକ୍ଷରୁ ମିଳିତ ଭାବେ କରାଯାଇଥିବା ଅପରେସନ୍ କୋରାଗ ଜାରି ରହିଥିବା ସମୟରେ ଏହି ଏନ୍କାଉଣ୍ଟର କରାଯାଇଛି । ଜାମ୍ମୁ କାଶ୍ମୀରର ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ମୁସା ସମ୍ପୃକ୍ତ ଥିବା ଜଣାଯାଇଛି ।

## ମରକ୍କୋ-ପିଏମ୍

ମରକ୍କୋର ରାଜା ମହମ୍ମଦ ଷଷ୍ଠ ଗତକାଲି ଦେଶର ପ୍ରଧାନମନ୍ତ୍ରୀ ରୂପେ ସହରାଞ୍ଚଳ ଯୋଜନା ମନ୍ତ୍ରୀ ଫାତିମା ଜାହାରା ମନ୍ସୁରିଙ୍କ ନାମ ଘୋଷଣା କରିଛନ୍ତି । ୫୦ ବର୍ଷ ବୟସ୍କ ପ୍ରଥମ ମହିଳା ଭାବେ ଏହି ପଦ ଅଳଙ୍କୃତ କରିବେ । ମନ୍ସୁରି ପୂର୍ବରୁ ମାରାକେଚ୍‌ର ମେୟର୍ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ଦେଶର ନିର୍ବାଚନ ଫଳାଫଳ ଘୋଷଣା ହେବାର ୪ ଦିନ ପରେ ଏହି ଘୋଷଣାନାମା ପ୍ରକାଶ ପାଇଛି ।

## ଏସିଆନ୍ ଗେମ୍ସ

ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ ଗତକାଲି ଭାରତ ନିଜର ବିଜୟ ଅଭିଯାନ ଜାରି ରଖିଥିଲା । ଗତକାଲି ଭାରତ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୫ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଭାରତ ମହିଳା **4 x 400** ମିଟର ରିଲେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛି । ସେହିଭଳି ଏହି ରିଲେ ପ୍ରତିଯୋଗିତାରେ ପୁରୁଷ ଦଳ ବ୍ରୋଞ୍ଜ ପଦକ ଏବଂ ମିକ୍ସଡ୍ ବର୍ଗରେ ଆଉ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ପୂର୍ବରୁ ନିରୁ ଢାଣ୍ଡା ପ୍ରଥମ ଭାରତୀୟ ବନ୍ଧୁକ ଚାଳକ ଭାବେ ମହିଳା ଟ୍ରାପ୍ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗୁଲବୀର ସିଂହ ପୁରୁଷ ୫ହଜାର ମିଟର ବର୍ଗରେ ଅନ୍ୟ ଏକ ବ୍ରୋଞ୍ଜ ପଦକ ହାସଲ

କରିଛନ୍ତି । ଏହା ହେଉଛି ଚଳିତ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଗୁଲବୀରଙ୍କର ତୃତୀୟ ପଦକ । ପୂର୍ବରୁ ପୁରୁଷ ୧୦ ହଜାର ଏବଂ ୧୫୦୦ ମିଟରରେ ରୌପ୍ୟ ପଦକ ହାସଲ କରିସାରିଛନ୍ତି ।

ମହିଳା ହାଇଜମ୍ପ୍ ବର୍ଗରେ ପୂଜା ସିଂହ ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି । ବକ୍ସିଂରେ ପୁରୁଷ ୯୦ କିଲୋଗ୍ରାମ ବର୍ଗରେ ନରେନ୍ଦର ବେରୱାଲ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗତକାଲିର ୮ଟି ପଦକ ହାସଲ କରିବା ପରେ ଭାରତ ୨୦୨୬ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ୬ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଓ ୨୬ଟି ବ୍ରୋଞ୍ଜ ସହିତ ମୋଟ୍ ୫୩ଟି ପଦକ ହାସଲ କରି ପଦକ ତାଲିକାର ଦଶମ ସ୍ଥାନରେ ରହିଛି ।

ଏହି ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଖେଳାଳିମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି ।

## କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଜାରି ରହିଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଗୌହାଟୀଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ୨ଟାରେ ଏହି

ମ୍ୟାଚ୍ ଆରମ୍ଭ ହେବ । ତିରୁଅନନ୍ତପୁରମ୍‌ଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ଓ୍ୱିକେଟ୍‌ରେ ବିଜୟୀ ହୋଇ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।